**Core I** **ପ୍ରଥମ ପର୍ଯ୍ୟାୟ (Semester-I)**

# ଭାଷାବିଜ୍ଞାନ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଭାଷା ଭାବ ବିନିମୟର ମାଧ୍ୟମ । ଭାଷା ବ୍ୟବହାର କରି ସର୍ଜନଶୀଳ ସ୍ରଷ୍ଟା ସାହିତ୍ୟସୃଷ୍ଟି କରିଥାଏ । ତେଣୁ ସାହିତ୍ୟ ବିଷୟକ ପାଠ୍ୟଖସଡ଼ାର ଆଦ୍ୟରେ ଭାଷା ସମ୍ପର୍କରେ ସାଧାରଣ ଉପଲବ୍ଧି ଆଣିବା ନିମିତ୍ତ ଏହି ପତ୍ରଟି ଉପଯୋଗୀ ହେବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଭାଷା କଣ, ତାହାର ପରିଚୟ, ଭାଷାର ସ୍ୱରୂପ ଓ ବିବିଧ ପ୍ରକାରଭେଦ ସମ୍ପର୍କରେ ଏହି ଏକକ ଉପଲବ୍ଧି ଆଣିବ ।

**୨ୟ ଏକକ :** ଭାଷା କିପରି ଉତ୍ପତ୍ତି ହେଲା, ସେ ସମ୍ପର୍କରେ ପ୍ରଚଳିତ ବିବିଧ ସିଦ୍ଧାନ୍ତର ପରିଚୟ ଲାଭକରି ଛାତ୍ରଛାତ୍ରୀ ଭାଷା ସୃଷ୍ଟିର ଦିଗଦିଗନ୍ତକୁ ଜାଣିପାରିବେ ।

**୩ୟ ଏକକ :** ବିଶ୍ୱରେ ବହୁଭାଷା ପ୍ରଚଳିତ । ଭାଷାତତ୍ତ୍ୱ ଦୃଷ୍ଟିରୁ ସେହି ସମୁଦାୟ ଭାଷାକୁ ନେଇ ପୃଥିବୀର ଭାଷା ପରିବାର ଗଠିତ। ସେହି ଭାଷା ପରିବାର ସମ୍ପର୍କରେ ଛାତ୍ରଛାତ୍ରୀ ଜାଣିବା ନିତାନ୍ତ ଆବଶ୍ୟକ । ଏହି ଏକକଟି ସେହି ଉଦ୍ଦେଶ୍ୟ ପୂରଣ କରିବ ।

**୪ର୍ଥ ଏକକ :** ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଦେଶରେ ଯେଉଁ ମୁଖ୍ୟ ଭାଷା ପ୍ରଚଳିତ, ତାହା ସାଧାରଣତଃ ମାନକ ଭାଷା ରୂପେ ପରିଚିତ ହୁଏ। ମାତ୍ର ବିବିଧ ଅଞ୍ଚଳରେ ମାନକଭାଷା ବ୍ୟତିରେକ ଅନ୍ୟ କେତେକ ଆଞ୍ଚଳିକ ଭାଷାର ପ୍ରଚଳନ ପରିଲକ୍ଷିତ ହୋଇଥାଏ । ଏହି ଏକକରେ ମାନକଭାଷା ଓ ଉପଭାଷା ସମ୍ପର୍କରେ ଶିକ୍ଷାର୍ଥୀ ଜ୍ଞାନଲାଭ କରିପାରିବେ ।

## ପାଠ୍ୟ ବିଷୟ

**୧ମ ଏକକ** : ଭାଷାର ସଂଜ୍ଞା, ସରୂପ ଓ ପ୍ରକାରଭେଦ

**୨ୟ ଏକକ** : ଭାଷା ଉତ୍ପତ୍ତି ସମ୍ପର୍କୀୟ ବିଭିନ୍ନ ସିଦ୍ଧାନ୍ତ

**୩ୟ ଏକକ** : ପୃଥିବୀର ଭାଷା ପରିବାର

**୪ର୍ଥ ଏକକ** : ମାନକଭାଷା ଓ ଉପଭାଷା

**ସହାୟକ ଗ୍ରନ୍ଥସୂଚୀ (Book of references) :**


୧. ଭାଷା ବିଜ୍ଞାନର ରୂପରେଖ – ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଭାଷାଶାସ୍ତ୍ର ପରିଚୟ – ଗୋଲୋକ ବିହାରୀ ଧଳ, ଓ.ରାଜ୍ୟ ପା.ପୁ.ପ୍ର. ଓ ପ୍ର. ସଂସ୍ଥା, ଭୁବନେଶ୍ୱର ।

୩. ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ – ଉପେନ୍ଦ୍ର ପ୍ରସାଦ ଦଳାଇ, ଏ.କେ ମିଶ୍ର ପବ୍ଲିଶର୍ସ , କଟକ ।

୪. ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ – ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଭାଷା ଭାବନା - ସଂ. ବିଜୟଲକ୍ଷ୍ମୀ ମହାନ୍ତି, ବିଦ୍ୟା ପ୍ରକାଶନ, ଭୁବନେଶ୍ୱର ।

୬. ଓଡ଼ିଆ ଭାଷା ଓ ଭାଷା ବିଜ୍ଞାନ – ଦେବୀ ପ୍ରସନ୍ନ ପଟ୍ଟନାୟକ, ଗ୍ରନ୍ଥମନ୍ଦିର, କଟକ ।

୭. ଓଡ଼ିଆ ଭାଷାର ଉପଭାଷା-ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୮. ମଣିଷର ଭାଷା- ଗୋଲୋକ ବିହାରୀ ଧଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଭାଷା ଚର୍ଚ୍ଚା ପରଂପରା-ଗଗନେନ୍ଦ୍ରନାଥ ଦାଶ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**Sample Questions (ନମୁନା ପ୍ରଶ୍ନ):**

୧. ଭାଷାର ଏକ ସାର୍ଥକ ସଂଜ୍ଞା ପ୍ରଦାନକର । (୧ ମାର୍କ ପ୍ରଶ୍ନ)

୨. ଭାଷା ଉତ୍ପତ୍ତି ସମ୍ପର୍କୀୟ ଧ୍ୱନି ଅନୁରଣନ ସିଦ୍ଧାନ୍ତର ଟିପ୍ପଣୀ ଲେଖ । (୨ମାର୍କ ପ୍ରଶ୍ନ)

୩. ମାନକଭାଷା ଓ ଉପଭାଷା ମଧ୍ୟରେ ତାରତମ୍ୟ ଦର୍ଶାଅ । (୫ମାର୍କ ପ୍ରଶ୍ନ)

୪.ପୃଥିବୀର ଭାଷା ପରିବାର ସମ୍ପର୍କରେ ଆଲୋକପାତ କର । (୮ମାର୍କ ପ୍ରଶ୍ନ)